# ହଟିଲା ପୌରସଂସ୍ଥା ଅଚଳାବସ୍ଥା

■ଜିଲାପାଳଙ୍କ ହସ୍ତକ୍ଷେପ ପରେ ସ୍ୱାଭାବିକ ହେଲା କାର୍ଯ୍ୟ

■ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ

ଢେଙ୍କାନାଳ ଅଫିସ, ୩।୯

ବିଜେଡି ଭାଜପା କଳିକୁ ନେଇ ସ୍ୱାୟତ୍ତ ଶାସନ ଦିବସରୁ ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହୋଇଛି। ଜିଲାପାଳଙ୍କ ହସ୍ତକ୍ଷେପ ପରେ ଦୁଇଦିନ ହେଲା କଲମଛାଡ଼ ଆନ୍ଦୋଳନ ଚଳାଇଥିବା ଅଧିକାରୀ ଏବଂ କର୍ମଚାରୀ କାର୍ଯ୍ୟରେ ଯୋଗଦେଇଛନ୍ତି। ଫଳରେ ଶନିବାର ଅପରାହ୍ନରେ ସ୍ୱାଭାବିକ ସ୍ଥିତିକୁ ଫେରିଛି କାର୍ଯ୍ୟାଳୟ। ଅନ୍ୟପଟେ ଅଫିସ୍‌ରେ ଅଧିକାରୀ ଓ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ଅପ୍ରୀତିକର ପରିସ୍ଥିତି ଏବଂ ଅସହାୟତା ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏବଂ ଆନ୍ଦୋଳନ ବନ୍ଦ କରି ଲୋକଙ୍କ ସେବା ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳ ପରାମର୍ଶ ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ସମ୍ପର୍କରେ ପୌର କାର୍ଯ୍ୟାଳୟର ମୁଖ୍ୟ କିରାଣି ସରୋଜ କୁମାର ରାଉତ କୁହନ୍ତି, ପୌରାଧ୍ୟକ୍ଷାଙ୍କୁ ସମ୍ମାନ ଜଣାଇ ସ୍ୱାୟତ୍ତ ଶାସନ ଦିବସ ବାତିଲ କରାଯାଇଥିଲା। କିନ୍ତୁ କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତ ଏଥିଲାଗି ନିର୍ବାହୀ ଅଧିକାରୀ, କର୍ମଚାରୀଙ୍କୁ 'ମ୍ୟୁନିସିପାଲ କାଉନ୍‌ସିଲ-୨୦୨୨ ହ୍ୱାଟ୍‌ସଆପ୍ ଗ୍ରୁପ୍'ରେ ଅଯୋଗ୍ୟତାର ନାମ ଦେଇଛନ୍ତି। ସେ କ୍ଷମାପ୍ରାର୍ଥନା ନ କରିବା ଯାଏ ତାଙ୍କୁ କୌଣସି ପ୍ରକାର ସହଯୋଗ କରାଯିବ ନାହିଁ। କୌଣସି ଆଇନଗତ ବା ମୌଳିକ ଅଧିକାର ନ ଥିବା ସତ୍ତ୍ୱେ ପୌରାଧ୍ୟକ୍ଷାଙ୍କ ସ୍ୱାମୀ ରାମଚନ୍ଦ୍ର ପାତ୍ର ପୌରାଧ୍ୟକ୍ଷାଙ୍କ ଉପସ୍ଥିତିରେ ତାଙ୍କ ପ୍ରକୋଷ୍ଠରେ ବିଭିନ୍ନ କାର୍ଯ୍ୟ ପାଇଁ ସିଧାସଳଖ ଡାକି ନିର୍ଦ୍ଦେଶ ଦେଉଛନ୍ତି। କର୍ମଚାରୀ ଭୟଭୀତ ଅବସ୍ଥାରେ ଅଛନ୍ତି। ପୌରାଧ୍ୟକ୍ଷା କିମ୍ବା କାଉନ୍‌ସିଲରମାନେ ସିଧାସଳଖ କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ଭାବେ କୌଣସି ଆଦେଶ ଦେଇପାରିବେନାହିଁ। ତାଙ୍କର ଯଦି କୌଣସି ଅଭିଯୋଗ ବା କାର୍ଯ୍ୟ ଥାଏ, ତା'ହେଲେ ନିର୍ବାହୀ ଅଧିକାରୀଙ୍କ ଜରିଆରେ ସମ୍ପାଦନ କରିପାରିବେ। ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଏ ସବୁ ସମସ୍ୟା ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ବେଳେ ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ମୁଖ୍ୟ କିରାଣି ସରୋଜ ରାଉତ, ଯନ୍ତ୍ରୀ ରଶ୍ମିତା ମିଶ୍ର, ଶ୍ରୀଲକ୍ଷ୍ମୀ ମହାପାତ୍ର, ଚନ୍ଦ୍ରିକା ପଣ୍ଡା, ପାର୍ବତୀ ସାହୁ, ଦୀନେଶ ନାୟକ, ମଧୁସ୍ମିତା ତ୍ରିପାଠୀ, ଶୁଭସ୍ମିତା ରାଉତ, ହୁସନମ୍ ବିବି, ଗୌରୀଶଙ୍କର ପ୍ରଧାନ, ପ୍ରମୋଦ କୁମାର ଓଝା, ଅବିନାଶ ବେଉରା, ଅବିନାଶ ଦେହୁରୀ, ସୁଶ୍ରୀ ପ୍ରଜ୍ଞା ମିଶ୍ର, ବିଚିତ୍ର କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରର ନକଲ ଏମ୍‌ପି, ବିଧାୟକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସହରାଞ୍ଚଳ ଉନ୍ନୟନ ସଂସ୍ଥା, ପୌରାଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି।

ଏଥିପୂର୍ବରୁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସ୍ୱାମୀ ତଥା ଭାଜପା ନେତା ରାମଚନ୍ଦ୍ର ପାତ୍ରଙ୍କ ସହ ଜିଲାପାଳଙ୍କୁ ଭେଟି ସମସ୍ତ ଘଟଣାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ସୋମବାର ପୌର କାର୍ଯ୍ୟାଳୟରେ ନିର୍ଦ୍ଧାରିତ ବୈଠକ ହେବ ବୋଲି ପୌରାଧ୍ୟକ୍ଷା ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ପୌରଯନ୍ତ୍ରୀ ଓ କର୍ମଚାରୀ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସ୍ୱାୟତ୍ତ ଶାସନ ଦିବସର ସାନ୍ଧ୍ୟ କାର୍ଯ୍ୟକ୍ରମ ବାତିଲ ଏବଂ ଜଣେ କାଉନ୍‌ସିଲରଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା 'ଅଯୋଗ୍ୟ' ଶବ୍ଦ ସେମାନଙ୍କୁ ଆଘାତ ଦେଇଛି । ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ କହିଛନ୍ତି।


ପୌର କର୍ମଚାରୀମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।

# 'ଉନ୍ନତ ସେବା ପ୍ରଦାନ କର'

## ୬୬ତମ ବୀମା ସପ୍ତାହ ପାଳିତ

ଢେଙ୍କାନାଳ ଅଫିସ, ୩।୯

ଭାରତୀୟ ଜୀବନ ବୀମା ଢେଙ୍କାନାଳ କାର୍ଯ୍ୟାଳୟରେ ୬୬ତମ ବୀମା ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି । ଶାଖା ମୁଖ୍ୟ ପ୍ରବନ୍ଧକ ପି. ସୁଜିତ କୁମାର ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ପ୍ରଶାସନିକ ପ୍ରବନ୍ଧକ ଚକ୍ରଧର ମିଶ୍ର ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ସହ ନିଗମକୁ ଉଚ୍ଚସ୍ଥାନରେ ରଖିବାକୁ ଆହ୍ୱାନ ଦେଇଥିଲେ। ଶାଖା ପରିଚାଳକ ବିଶ୍ୱଜିତ୍ ଦାସ, ସହ ଶାଖା ପରିଚାଳକ ସଞ୍ଜୀବ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଉନ୍ନୟନ ଅଧିକାରୀ ସୌରଜିତ ଦେ ଓ ଶୁଭ୍ରାଂଶୁ ଶେଖର ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ବୀମା ସପ୍ତାହର ପ୍ରଥମ ଦିବସରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ବରିଷ୍ଠ ମେଡିସିନ ସ୍ପେଶାଲିଷ୍ଟ ପ୍ରେମାନନ୍ଦ ପଟ୍ଟନାୟକ, ହୃଦ୍‌ରୋଗ ବିଶେଷଜ୍ଞ ସୋମେନ ପ୍ରସାଦ ବେହେରା, ମ୍ୟାନେଜର ବସନ୍ତ କୁମାର ରଥ, ହାଡ଼ିବନ୍ଧୁ ମେହେର, ଦୁର୍ଗାମାଧବ ମହାପାତ୍ର, ଗଜେନ୍ଦ୍ରନାଥ କର, ଅମିୟ ପଟ୍ଟନାୟକ, ଜୟକୃଷ୍ଣ ମହାନ୍ତି, ପ୍ରମୋଦ ସାହୁ, ମିହିର ଶତପଥୀ, ସୁଧୀର ସାହୁ, ହରେକୃଷ୍ଣ ସାହୁ, ପ୍ରଶାନ୍ତ ଭୂୟାଁ, ବିଶ୍ୱନାଥ ରାଉତ, ବାବାଜୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।


ଜଣେ ବରିଷ୍ଠ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବ୍ରେକ୍ ଫେଲ୍ ହୋଇ ଚଢ଼ିଗଲା ହାଇୱା: ବ୍ୟବସାୟୀ ମୃତ

ଢେଙ୍କାନାଳ ଅଫିସ୍/ ସାତମାଇଲ (ଡି.ଏନ୍.ଏ.), ୩।୯

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ଓପିଏସ୍ କଲେଜ ଛକ ନିକଟରେ ଶନିବାର ପୂର୍ବାହ୍ନ ୯ଟାରେ ବ୍ରେକ୍ ଫେଲ୍ ହୋଇ ଏକ ଚିପ୍ସ ବୋଝେଇ ହାଇୱା (ନଂ. ଓଆର୍ ୦୫ ଏସି-୩୩୨୫) ଚଢ଼ିଯିବାରୁ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାସୋଳ ଥାନା ଅନ୍ତର୍ଗତ ସୋରଡ ଗ୍ରାମର ଶରତ ବରାଳ (୫୫)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଉକ୍ତ ହାଇୱା ବାବନ୍ଧ ପାର୍ଶ୍ୱରୁ ୫୫ନଂ. ଜାତୀୟ ରାଜପଥ ଆଡ଼କୁ ଆସୁଥିଲା। ହଠାତ୍ ଗାଡ଼ିର ଭାକ୍ୟୁମ୍ ସିଷ୍ଟମ ଅଚଳ ହୋଇପଡ଼ିବା ସହ ବ୍ରେକ୍ ଫେଲ୍ ହୋଇଯାଇଥିଲା। ଜୀବନ ବିକଳରେ ଡ୍ରାଇଭର ପ୍ରଶାନ୍ତ ସାହୁ (୩୫) ତଳକୁ ଡେଇଁପଡ଼ିଥିଲେ। ହାଇୱାଟି ନିୟନ୍ତ୍ରଣ ହରାଇ ଗଡ଼ାଣିଆ ରାସ୍ତାରେ ଦ୍ରୁତଗତିରେ ଏନ୍‌ଏଚ୍‌କୁ ମାଡ଼ି ଆସିଥିଲା। ଏହି ସମୟରେ ଶନିବାର ସାପ୍ତାହିକ ହାଟରୁ ଜିନିଷ ନେଇ ଏକ ମୋପେଡ୍‌ରେ ଘରକୁ ଫେରୁଥିବା ଦହିବରା ବ୍ୟବସାୟୀ ଶରତଙ୍କ ଉପରେ ଏହା ମାଡ଼ିଯାଇ ଆମ୍ବଗଛରେ ପିଟି ହୋଇଯାଇଥିଲା। ହିନ୍ଦୋଳ ରୋଡ୍ ଅଗ୍ନିଶମ ବାହିନୀ ସହାୟତାରେ ଶରତ ଏବଂ ପ୍ରଶାନ୍ତଙ୍କୁ ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶରତଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଅଭାବନୀୟ ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ହିନ୍ଦୋଳରୋଡ୍ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରାଯାଇଛି।

# ଭୂମିହୀନଙ୍କୁ ଜାଗା ପ୍ରଦାନରେ ଦୁର୍ନୀତି

## ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଅଭିଯୋଗ

ଢେଙ୍କାନାଳ ଅଫିସ, ୩।୯

ଢେଙ୍କାନାଳ ପୌରାଞ୍ଚଳରେ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ସରକାରୀ ଜାଗା ପ୍ରଦାନରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୂର୍ବତନ ନଗରପାଳ ତଥା ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ର କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତ ଅଭିଯୋଗପତ୍ର ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ପଠାଇଥିବା ସେ ଶନିବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ପୂର୍ବତନ ନଗରପାଳଙ୍କ ଅଭିଯୋଗ ଅନୁଯାୟୀ, ପୌରାଞ୍ଚଳର ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ଏବଂ ଜାଗା ପ୍ରଦାନ ଯୋଜନାରେ ଯୋଗ୍ୟତା ନ ଥିବା ବ୍ୟକ୍ତିଙ୍କୁ ଭୂମିହୀନ ବସ୍ତିବାସିନ୍ଦା ଦର୍ଶାଯାଇଛି। ସେମାନଙ୍କୁ ବହୁ କୋଟି ମୂଲ୍ୟର ସରକାରୀ ଜମି ପ୍ରଦାନ କରାଯାଇଛି। ଏଥିରେ ବ୍ୟାପକ ଅନିୟମିତତା ଓ ଅର୍ଥ କାରବାର ହୋଇଛି। ଓଡ଼ିଶା ଲ୍ୟାଣ୍ଡ ରାଇଟ୍ସ ଟୁ ସ୍ଲମ୍ ଡ୍ୱେଲର୍ସ ଆକ୍ଟ-୨୦୧୭ର ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ଜମି ଘୋଟାଲାର ରହସ୍ୟ ଉନ୍ମୋଚିତ ହୋଇପାରିବ। ସୂଚନା ଅଧିକାର ଆଇନ ବଳରେ ପୌରାଞ୍ଚଳର ୧ନଂ. ୱାର୍ଡରେ ଜମି ପ୍ରଦାନରେ ହୋଇଥିବା ଅନିୟମିତତା ସମ୍ପର୍କରେ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଥିବା ସେ ସୂଚନା ଦେଇଛନ୍ତି। ଭିଜିଲାନ୍ସ ପକ୍ଷରୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ପ୍ରକୃତ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମି ପ୍ରଦାନ କରିବା ଲାଗି ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।


To
The Director Vigilance,
Odisha, Cuttack.

Sub.: Corruption by Public Officer in distribution of land to slum dwellers at Dhenkanal Municipality area.

Sir,

I, Surendra Kumar Misra, S/o- Late Dr. Ramakanta Misra of Kathagada, P.O./Dist.-Dhenkanal submit before you that in Dhenkanal Municipality area there is distribution of Govt. lands to several persons who are neither slum dwellers nor they are eligible to get the land under the scheme in any manner. This has happened by concerned Public Officer specially the Executive Officer, Dhenkanal Municipality who is the officiating authority to consider the criteria and other eligibility. There is rampant open and direct violation of act to allot the lands for wrongful gain and unlawful benefit to unworthy persons. There is definitely undue favour by authority which is never possible without a heavy kick back.

A list is now annexed with this complaint which if investigated properly will definitely disclose how public property is distributed wrongly at the behest of public officer with utter disregard to the rules and regulations. Sir, more land is given than necessary and undeserving people have derived the benefit. More names are also there. Unscrupulous officers have played fraud with the Govt. property now is a big scam in Dhenkanal which may be properly investigated by scrutinizing the documents only to each beneficiary to unearth the corruption and restore the land of Dhenkanal Urban area which are valuable piece of lands.

Yours faithfully
(Surendra Kumar Misra)
At-Kathagada,
P.O/Dist.-Dhenkanal
Mob. - 9937131097/6372164797

Annexure-
1. List under RTI of beneficiares in part of Ward No.-1 of Dhenkanal Municipality under Odisha Land Rights to Slum Dwellers Act, 2017.
2. Gazette Notification of the Odisha Land Rights to Slum Dwellers Act, 2017.

ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରର ନକଲ।

# ପଥ ଦେଖାଉଛି କୁନିରଥ

■କାଠମୂର୍ତ୍ତି ବିକ୍ରି କଲେ ଚଳୁଛି ଘର

■ଯୋଗ୍ୟତା ଥାଇ ଭତ୍ତା ତାଲିକାରେ ନାହିଁ ନାମ

■କିସ୍ତି ମିଳୁ ନ ଥିବାରୁ ପଡ଼ିପାରୁନି ଘର ଛାତ

ଢେଙ୍କାନାଳ ଅଫିସ, ୩।୯

ବାହୁଡ଼ାରେ ବାହୁଡ଼ିଗଲା ୧୧ ବର୍ଷର ଏକମାତ୍ର ପୁଅ। ଯାହା ମୁହଁକୁ ଚାହିଁ ବୃଦ୍ଧ ସମୟରେ ଜୀବନ କାଟିଦେବେ ବୋଲି ଚିନ୍ତା କରିଥିଲେ, ତା'ର ଏଭଳି ମୃତ୍ୟୁ କରିଦେଲା ଧୈର୍ଯ୍ୟହରା। ଏଭଳି କଷ୍ଟକର ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଶ୍ରା କରିଛନ୍ତି ୬୫ ବର୍ଷୀୟ ବୃନ୍ଦାବନ ମହାରଣା। ହାତ ତିଆରି କାଠରଥ, ଚତୁର୍ଦ୍ଧା ବିଗ୍ରହଙ୍କ ମୂର୍ତ୍ତି ନିର୍ମାଣ କରି ପରିଣତ ବୟସରେ ଜୀବନ ଡଙ୍ଗାକୁ ବାହିନେବାକୁ ଅଣ୍ଟା ଭିଡ଼ିଛନ୍ତି ସେ। କୁନିରଥ ତାଙ୍କୁ ଜୀବନପଥ ଦେଖାଇଥିବାବେଳେ ଏହାକୁ ସାହାରା କରି ଦିନ କାଟୁଛନ୍ତି ବୃନ୍ଦାବନ ଏବଂ ତାଙ୍କ ସ୍ତ୍ରୀ ସବିତା।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଦୀନବନ୍ଧୁପୁର ଗ୍ରାମରେ ରୁହନ୍ତି ବୃନ୍ଦାବନ ଏବଂ ତାଙ୍କ ସ୍ତ୍ରୀ ସବିତା। ୨୦ ବର୍ଷର ହୋଇଥିବାବେଳେ ବୃନ୍ଦାବନ ହାତରେ ଧରିଥିଲେ ନିହାଣ। ଦୀର୍ଘ ୪୫ବର୍ଷର ଅଭିଜ୍ଞତା ଭିତରେ ସେ ପାଲଟିଯାଇଛନ୍ତି ଜଣେ ଦକ୍ଷ କାଠ କାରିଗର। ଏହାକୁ ପାଥେୟକରି ସେ ନିର୍ମାଣ କରୁଛନ୍ତି ସୁନ୍ଦର ସୁନ୍ଦର କୁନିରଥ ଏବଂ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିମା। ଦୀର୍ଘଦିନ ହେଲା ଢେଙ୍କାନାଳ ସହର ତାଙ୍କର କର୍ମଭୂମି ପାଲଟିଛି। ରାତି ପାହିଲେ ସାଇକେଲ ଧରି ଗାଁରୁ ଧାଇଁ ଆସନ୍ତି ୨୫ କି.ମି. ଦୂର ଢେଙ୍କାନାଳକୁ। ସ୍ଥାନୀୟ ଗଣେଶ ବଜାର ରାସ୍ତାପାର୍ଶ୍ୱରେ ବସି ମୂର୍ତ୍ତି, ରଥ ବିକ୍ରି କରନ୍ତି। ରଥଗୋଟିକୁ ୧୦୦ ଟଙ୍କା ଏବଂ ମୂର୍ତ୍ତି ୧୨୫ ଟଙ୍କାରେ ବିକ୍ରି ହେଉଛି। ଅନେକ ସମୟରେ ସେ ଆଖପାଖ ଗାଁକୁ ଯାଇ ମଧ୍ୟ ଏହି ବ୍ୟବସାୟ କରୁଛନ୍ତି।

ନିଜ ସମସ୍ୟା ବିଷୟରେ ବୃନ୍ଦାବନ କହିଛନ୍ତି, ଯୋଗ୍ୟତା ଥିଲେ ବି ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତା ତାଲିକାରେ ସାମିଲ କରାଯାଇନାହିଁ। ନିର୍ମାଣ ଶ୍ରମିକ ଯୋଜନାରେ ଘର ପ୍ରଦାନ କରାଯାଇଛି ସତ, ତେବେ ମିଳିଥିବା ଦୁଇକିସ୍ତିରେ କେବଳ ନିନ୍‌ଟାଲ ଯାଏ ନିର୍ମାଣ ହୋଇପାରିଛି। ଆଉ କିସ୍ତି ମିଳୁ ନ ଥିବାରୁ ଛାତ ପଡ଼ିପାରିନାହିଁ। ସଂସାରରେ ଆମେ ସ୍ତ୍ରୀସ୍ୱାମୀ ଏକୁଟିଆ। ଆମକୁ କେବଳ ଜଗନ୍ନାଥ ହିଁ ଭରସା ବୋଲି ବୃନ୍ଦାବନ ଲୁହ ଛଳଛଳ ଆଖିରେ କହିଛନ୍ତି।


ଗଣେଶ ବଜାର ରାସ୍ତାପାର୍ଶ୍ୱରେ ବୃନ୍ଦାବନ କାଠ ନିର୍ମିତ ରଥ ଏବଂ ମୂର୍ତ୍ତି ବିକ୍ରି କରୁଛନ୍ତି।

### ବାହୁଡ଼ାରେ ଚାଲିଗଲା ଏକ ମାତ୍ର ପୁଅ

ସ୍ତ୍ରୀ ସବିତା ଏବଂ ୬ଷ୍ଠ ଶ୍ରେଣୀରେ ପଢୁଥିବା ପୁଅଙ୍କୁ ନେଇ ହସଖୁସିରେ ଚାଲିଥିଲା ବୃନ୍ଦାବନଙ୍କ ପରିବାର। ହେଲେ ଦଇବ ଦାରୁଣ ଦୁଃଖ ଦେଲା। ଦୁନିଆକୁ ଭଲଭାବେ ଜାଣିବା ଆଗରୁ ଅଜଣା ରୋଗରେ ପଡ଼ି ନାବାଳକ ପୁଅ ଚାଲିଗଲା ପରପାରିକୁ। ଗତ ବାହୁଡ଼ାଯାତ୍ରାରେ ଘଟିଥିବା ଏହି ଦୁଃଖଦ ଘଟଣାରେ ଦୋହଲିଯାଇଛନ୍ତି ବୃନ୍ଦାବନ ଏବଂ ସବିତା। ଏହାପରେ ସେମାନେ ପୂରା ଏକୁଟିଆ ହୋଇଯାଇଛନ୍ତି। କାଠ ତିଆରି ଛୋଟ ରଥ, ମୂର୍ତ୍ତି ବିକ୍ରି କରି ଯାହା ରୋଜଗାର କରନ୍ତି, ସେଥିରେ ପରିବାର ଦୁଃଖକଷ୍ଟରେ ଚଳୁଥିବା ବୃନ୍ଦାବନ କହିଛନ୍ତି।

### ହାତୀ ଭୟ ପାଇଁ ୧୦ ଗୁଣ୍ଠ ଜମି ପଡ଼ିଆ

ଗ୍ରାମ ନିକଟରେ ରହିଛି ବୃନ୍ଦାବନଙ୍କ ୧୦ ଗୁଣ୍ଠ ଜମି। ହେଲେ ହାତୀ ଉପଦ୍ରବ ଯୋଗୁ ଚାଷ ହୋଇପାରୁନାହିଁ। ଜମି ପଡ଼ିଆ ପଡ଼ିଛି। ବୃଦ୍ଧ ବୟସରେ ଚାଷବାସ କରିବା ଆଉ ସମ୍ଭବ ହେଉନାହିଁ। ତେଣୁ ଇଚ୍ଛା ଥିଲେ ବି ଚାଷ କରିପାରୁ ନାହାନ୍ତି। ଚଳିବା କଷ୍ଟକର ହେଉଛି। ତେଣୁ ସରକାରୀସ୍ତରରେ ଭତ୍ତା ବ୍ୟବସ୍ଥା କରାଗଲେ ସ୍ତ୍ରୀସ୍ୱାମୀ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି ବୃନ୍ଦାବନ।

# ଶହୀଦ ସରୋଜଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ଶହୀଦଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଢେଙ୍କାନାଳ ଅଫିସ, ୩।୯

ଆତଙ୍କବାଦୀଙ୍କ ସହ ଲଢ଼େଇ କରି ଜୀବନ ଉତ୍ସର୍ଗ କରିଥିବା ଢେଙ୍କାନାଳ ସଦର ବ୍ଲକ ବଣସିଂହ ଅଞ୍ଚଳର ଶହୀଦ ଯବାନ ସରୋଜ ସାହୁଙ୍କ ୨୫ତମ ବଳିଦାନ ଦିବସ ଶନିବାର ଜନ୍ମମାଟିରେ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଶହୀଦ ସରୋଜଙ୍କ ପାଇଁ ବଣସିଂହ ଅଞ୍ଚଳ ଗର୍ବିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଏମ୍‌ପି ମହେଶ ସାହୁ କହିଲେ, ଶହୀଦ ସରୋଜ ଦେଶମାତୃକା ପାଇଁ ଜୀବନ ଦେଇ ମାଟିକୁ ଚିରକାଳ ପାଇଁ ଗୌରବାନ୍ୱିତ କରାଇଛନ୍ତି। ଜିଲାପାଳ ସରୋଜ କୁମାର ସେଠୀ ଶହୀଦଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ବିଜୟ ନାୟକ, ବିଡିଓ ସୁଧୀର ନାୟକ, ସରପଞ୍ଚ ପ୍ରମିଳା ବେହେରା, ସମିତିସଭ୍ୟା ରଞ୍ଜିତା ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶହୀଦ ସରୋଜଙ୍କ ମା' ଗୋଲାପ ସାହୁ, ଭାଇ ସଞ୍ଜୟ ସାହୁ, ସୌଭାଗ୍ୟ ସାହୁ, ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଶିକ୍ଷକ ନେତା ବିପ୍ରବର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୧୯୯୭ ସେପ୍ଟେମ୍ବର ୩ରେ କଶ୍ମୀରର ଲାଲ୍‌ବଜାର ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ଲଢେଇ କରି ସରୋଜ ଶହୀଦ ହୋଇଥିଲେ।

# ରାଧାଷ୍ଟମୀରେ ଉଠିଲା ମାଟି

## ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ଆରମ୍ଭ

■ଶୋଭାଯାତ୍ରାରେ ମାଟି ଆଣିଲେ ୨ ପ୍ରତିଷ୍ଠାନ

■ବାଦ୍ୟବାଜଣା, ସଂକୀର୍ତ୍ତନରେ କମ୍ପିଲା ପରିବେଶ

ଢେଙ୍କାନାଳ ଅଫିସ, ୩।୯

ଢେଙ୍କାନାଳର ଗଣପର୍ବ ତଥା ପ୍ରସିଦ୍ଧ ଲକ୍ଷ୍ମୀପୂଜା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ପବିତ୍ର ରାଧାଷ୍ଟମୀରେ ମହୋତ୍ସବର ଆଦ୍ୟପର୍ବ ସ୍ୱରୂପ ଅନୁକୂଳ ହୋଇଛି ଶୁଭମାଟି। ସହରର ୧ନଂ. ପୂଜା ପ୍ରତିଷ୍ଠାନ ମିନାବଜାର ଓ ୪ନଂ. ଗଣେଶ ବଜାର ପକ୍ଷରୁ ବ୍ରାହ୍ମଣୀ ନଦୀରୁ ଶନିବାର ମାଟି ଅନୁକୂଳ କରାଯାଇଛି। ଦୀର୍ଘ ଦୁଇବର୍ଷ ପରେ ଆଡ଼ମ୍ବର ସହକାରେ ପୂଜା ଆୟୋଜନ ହେଉଥିବାରୁ ଏହାକୁ ନେଇ ବିପୁଳ ଉତ୍ସାହ ଦେଖିବାକୁ ମିଳିଛି।

ପୂର୍ବ ନିର୍ଦ୍ଧାରିତ ସମୟରେ ଉଭୟ ପୂଜା ମଣ୍ଡପର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରି ବ୍ରାହ୍ମଣୀ ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ କରାଯାଇଥିଲା। ମିନାବଜାର ପ୍ରତିଷ୍ଠାନର ସଦସ୍ୟ ଶୋଭାଯାତ୍ରାରେ ବଳରାମ ମନ୍ଦିରରେ ପହଞ୍ଚିଥିଲେ। ଅପରାହ୍ନ ୨ଟାରେ ଏକ ବିଶାଳ ଶୋଭାଯାତ୍ରାରେ ଅନୁକୂଳ ମାଟିକୁ ସହର ପରିକ୍ରମା କରାଯାଇ ପୂଜା ମଣ୍ଡପକୁ ଅଣାଯାଇଥିଲା। ଘଣ୍ଟ, ଶଙ୍ଖ ବାଦ୍ୟ, ମହିଳା ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ। ବାଦ୍ୟବାଜଣାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସଭାପତି ରବିନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ, ସମ୍ପାଦକ ପୀତବାସ ସାହୁ ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ସେହିପରି ଗଣେଶ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ଗଣେଶ ବଜାର ପୂଜା ପ୍ରତିଷ୍ଠାନର ସଦସ୍ୟ ବ୍ରାହ୍ମଣୀ ନଦୀକୂଳରୁ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମାଟି ଉଠାଇଥିଲେ। ଏକ ଭବ୍ୟ ଶୋଭାଯାତ୍ରାରେ ମାଟିକୁ ମଣ୍ଡପକୁ ଅଣାଯାଇଛି। ସଭାପତି ବସନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ଶରତ ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରମ୍ପରା ଅନୁଯାୟୀ ଅନ୍ୟ ସମସ୍ତ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆସନ୍ତା ସୁନିଆରେ ମାଟି ଅନୁକୂଳ କରାଯିବ ବୋଲି ଜଣାପଡ଼ିଛି।


ମିନାବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଶୁଭ ମାଟି ଅନୁକୂଳ କରାଯାଉଛି।


ମାଟି ଅନୁକୂଳ ଅବସରରେ ଗଣେଶ ବଜାର ପୂଜା ପ୍ରତିଷ୍ଠାନର କାର୍ଯ୍ୟକର୍ତ୍ତାମାନେ।

## ସଂକ୍ଷେପରେ

ଘାଗରାମୁଣ୍ଡା ହାତୀ ମୃତ୍ୟୁ ଘଟଣା

### ଫରେଷ୍ଟର, ଫରେଷ୍ଟଗାର୍ଡ ନିଲମ୍ବିତ

**ଢେଙ୍କାନାଳ ଅଫିସ୍, ୩।୯:** ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ ଘାଘରାମୁଣ୍ଡା ଗ୍ରାମ ନିକଟ ଅସନବାହାଲି ଜଙ୍ଗଲରେ ଗତ ଅଗଷ୍ଟ ୨୮ରେ ଗର୍ଭବତୀ ହାତୀ ମୃତ୍ୟୁ ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଦଦରାଘାଟି ସେକ୍ସନ ଫରେଷ୍ଟର ସରୋଜ କୁମାର ବେହେରା ଏବଂ ଘାଗରାମୁଣ୍ଡା ବିଟ୍ ଫରେଷ୍ଟଗାର୍ଡ ସ୍ୱର୍ଣ୍ଣପ୍ରଭା ସେଠଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଡିଏଫ୍ଓ ଡ. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବାରହା ଶିକାର ପାଇଁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଆନୁମାନିକ ୨୫ବର୍ଷର ଉକ୍ତ ଗର୍ଭବତୀ ହାତୀର ମୃତ୍ୟୁ ଘଟିଥିଲା।

### ଅବକାରୀ ଚଢ଼ାଉ, ୪ ଗିରଫ

**ବଇଁଣ୍ଡା,୩।୯(ଡି.ଏନ.ଏ):** ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶନିବାର ଆଠମଲ୍ଲିକ ଥାନାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୮୬ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କଥାପିଟା ସାହିର ଅମାନ୍ତ ମୁଣ୍ଡା, ସିଦ୍ଧପୁର ଅଞ୍ଚଳର ଯୋଗୀନ୍ଦ୍ର ମୁଣ୍ଡା, ନୂଆଁଗଡ ଗ୍ରାମର କୈବଲ୍ୟ ନାୟକ, ବାହାଲି ଗ୍ରାମର ରବୀନ୍ଦ୍ର ବେହେରାଙ୍କୁ ଗିରଫ କରାଯାଇଛି। ସେମାନେ ଚୋରାରେ ଘରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗର କର୍ମଚାରୀମାନେ ଚଢାଉ କରିଥିଲେ।

### ଗ୍ରାମଦେବୀଙ୍କ ବାର୍ଷିକ ପୂଜା

**କଣିହାଁ,୩।୯(ଡି.ଏନ.ଏ):** କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ଶନିବାର ଗ୍ରାମଦେବୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାକୁ ନେଇ କଂସମୁଣ୍ଡା, ବଡ଼ହୀରା, ମସୁଣୀହତା ଗ୍ରାମ ଚଳଚଞ୍ଚଳ ହୋଇଉଠିଛି। ଚାଳକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗ୍ରାମବାସୀ ଭୋଗ ଅର୍ପଣ କରି ମଙ୍ଗଳ କାମନାରେ ସହଯୋଗ କରିଥିଲେ।

ଜିଲ୍ଲା ଟ୍ରକ୍ ଓନର ଆସୋସିଏଶନକୁ ନୋଟିସ

### କାଗଜପତ୍ର ନ ଦେଲେ କାର୍ଯ୍ୟାନୁଷ୍ଠାନ

**ଅନୁଗୋଳ ଅଫିସ, ୩।୯ -** ଅନୁଗୋଳ ଜିଲ୍ଲା ଟ୍ରକ୍ ଓନର ଆସୋସିଏଶନକୁ ପୌରପାଳିକା ପକ୍ଷରୁ ଶନିବାର ନୋଟିସ ପ୍ରଦାନ କରାଯାଇଛି। ଚିଠିରେ ସଂଘର କାର୍ଯ୍ୟାଳୟର ଆର୍ଓଆର୍, ଅଟ୍ଟାଳିକା ନିର୍ମାଣ ପାଇଁ ଅନୁମତି, ହୋଲ୍ଡିଂ ଟ୍ୟାକ୍ସ ଓ ଟ୍ରେଡ୍ ଲାଇସେନ୍ସ ଅଛି କି ନାହିଁ ଲେଖାଯାଇଛି। ଏଭଳି କି ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ବିଭିନ୍ନ ସମୟରେ ବିବାହ, ଜନ୍ମୋତ୍ସବ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏ ନେଇ କିଏ ଅନୁମତି ପ୍ରଦାନ କରିଛି ବୋଲି ମଧ୍ୟ ପ୍ରଶ୍ନ କରାଯାଇଛି। ଏହି ନୋଟିସ ପାଇବା ପରେ ଟ୍ରକ୍ ମାଲିକ ସଂଘ ପାଇଁ ଅଡୁଆ ବଢ଼ିଛି। ଉପଯୁକ୍ତ ଦସ୍ତାବିଜ୍ ଠିକ୍ ସମୟ ମଧ୍ୟରେ ପୌର କାର୍ଯ୍ୟାଳୟରେ ଜମା କରିବାକୁ କୁହାଯାଇଛି। ଏଥିରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି। ଘଟଣା ସମ୍ପର୍କରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଏ ନେଇ ଅଭିଯୋଗ ଆସିଥିଲା। ସଂଘକୁ ନୋଟିସ ପ୍ରଦାନ କରାଯାଇଛି। ବେନିୟମ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

- ରେଳଧାରଣାରୁ ମିଳିଲା କ୍ଷତାକ୍ତ ମୃତଦେହ
- ଠିକାଦାର ଭାଇ ହତ୍ୟା କରିଥିବା ଅଭିଯୋଗ

**ଢେଙ୍କାନାଳ ଅଫିସ, ୩।୯**



ମୃତ ବିଶ୍ୱଜିତ୍ ପାଣିଗ୍ରାହୀ।

ମୃତଦେହ ଠାବ ପରେ ରେଳ ଧାରଣା ନିକଟରେ ଜନଗହଳି।

ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁର ପାସେଞ୍ଜର ହଲ୍ଟ ନିକଟ ରେଳ ଧାରଣାରୁ ଶନିବାର ସକାଳେ ବିଶ୍ୱଜିତ୍ ପାଣିଗ୍ରାହୀ (୩୦)ଙ୍କ କ୍ଷତାକ୍ତ ମୃତଦେହ ଜବତ କରାଯାଇଛି। ତାଙ୍କ ଘର ଗଁଦିଆ ଥାନା କରମୂଳ ପଞ୍ଚାୟତ ଠାକୁରାପାଳ ଗ୍ରାମରେ। ଜଣେ ସମ୍ପର୍କୀୟ ଠିକାଦାର ଭାଇ ଏବଂ ତାଙ୍କର ଦୁଇପୁଅ ମିଶି ବିଶ୍ୱଜିତ୍‌ଙ୍କୁ ହତ୍ୟା କରି ରେଳଧାରଣାରେ ଫିଙ୍ଗିଦେଇଥିବା ମୃତକଙ୍କ ସାନଭାଇ ରଣଜିତ୍ ପାଣିଗ୍ରାହୀ ଓ ମାମୁ ଅଶ୍ୱିନୀ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ପୋଷ୍ଟମର୍ଟମ୍ ରିପୋର୍ଟରୁ ଏହା ହତ୍ୟା କି ଆତ୍ମହତ୍ୟା ତାହା ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, ବିଶ୍ୱଜିତ୍ ପ୍ରାୟ ୪ବର୍ଷ ହେଲା ତାଙ୍କ ସମ୍ପର୍କୀୟ ଭାଇ ତଥା ଏକ ବିଦ୍ୟୁତ୍ ଠିକାସଂସ୍ଥାର ମୁଖ୍ୟ ସରୋଜ ପାଣିଗ୍ରାହୀଙ୍କ ନିକଟରେ କାର୍ଯ୍ୟ କରୁଥିଲେ। ତେବେ ଠିକାଦାର ଜଣକ ତାଙ୍କୁ ଠିକ୍ ସମୟରେ ଦରମା ଦେଉ ନ ଥିଲେ। ତାଙ୍କ ନିକଟରେ ବିଶ୍ୱଜିତ୍‌ଙ୍କ ୨ରୁ ସାଢ଼େ ୨ ଲକ୍ଷ ଟଙ୍କା ବକେୟା ପଡ଼ିଛି। ଟଙ୍କା ମାଗିବାରୁ କୌଣସି ଧାରୁଆ ଅସ୍ତ୍ର କିମ୍ବା ଲୁହା ରଡ୍‌ରେ ପିଟି ତାଙ୍କୁ ହତ୍ୟା କରି ରେଳଧାରଣାରେ ଶୁଆଇ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ରଣଜିତ୍ କୁହନ୍ତି, ସେ ଖୋର୍ଦ୍ଧାରେ ଥିଲେ। ରାତିରେ ଭିଣୋଇଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇଥିଲେ। ବିଭିନ୍ନ ସ୍ଥାନକୁ ଫୋନ୍ ଯୋଗେ ପଚରାଉଚରା କରିଥିଲେ। ଶୁକ୍ରବାର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଭାଇଙ୍କୁ ହତ୍ୟା କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ଭାଇଙ୍କୁ ଦରମା ଆକାରରେ କିଛି ଟଙ୍କା ଦିଆଯାଉ ନ ଥିବାରୁ କାମ ଛାଡ଼ି ଚାଲି ଆସିବାକୁ ପରାମର୍ଶ ଦେଇଥିଲେ। ସମ୍ପୃକ୍ତ ଠିକାଦାର ରଣଜିତ୍‌ଙ୍କୁ ମଧ୍ୟ ହତ୍ୟା ଧମକ ଦେଇଥିବା ସେ କହିଛନ୍ତି। ମାମୁ ଅଶ୍ୱିନୀ କୁହନ୍ତି, ବିଶ୍ୱଜିତ୍‌ଙ୍କ ଆର୍ଥିକ ସ୍ଥିତି ଭଲ ନ ଥିଲା। ଠିକାଦାରଙ୍କୁ ବକେୟା ଟଙ୍କା ମାଗିବାରୁ ଭଣଜାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି। ରେଳ ଧାରଣାରେ ଆତ୍ମହତ୍ୟା କରିବା ଭଳି ତାଙ୍କ ଶରୀରରେ କୌଣସି କ୍ଷତ ନାହିଁ। ଲୁହାରଡ୍ କିମ୍ବା ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିବାରୁ ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଛି ବୋଲି ଅଶ୍ୱିନୀ କହିଛନ୍ତି।

ଏ ନେଇ ଠିକାଦାର ସରୋଜ କୁହନ୍ତି, ବିଶ୍ୱଜିତ୍ ଦୁଇବର୍ଷ ତାଙ୍କ ପାଖରେ ଥିଲେ। ପୁଣି କୁଆଡ଼େ ପଳାଇଥିଲେ। ଗତ ୧୯ ତାରିଖରେ ସେ ପୁନର୍ବାର ଆସିଥିଲେ। ବୁଧବାର ଗଣେଶ ପୂଜା ଓ ଗୁରୁବାର ନୂଆଖାଇ ଥିବାରୁ କୌଣସି କାମ ହୋଇ ନ ଥିଲା। ତେବେ ବିଶ୍ୱଜିତ୍‌ଙ୍କ କୌଣସି ଟଙ୍କା ବାକି ନ ଥିବା ସରୋଜ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ମଝିରେ ବିଶ୍ୱଜିତ୍ ୬,୦୦୦ ଟଙ୍କା ନେଇ ଏକ ମୋବାଇଲ ଆଣିଥିଲେ। ଶନିବାର ବାପାଙ୍କ ବର୍ଷକିଆ ପାଇଁ ଭୁବନେଶ୍ୱରରୁ ଢେଙ୍କାନାଳ ଆସୁଥିବାବେଳେ ବଡ଼ପୁଅ ଘଟଣା ସମ୍ପର୍କରେ ଜଣାଇଥିଲେ। ବିଶ୍ୱଜିତ୍ ଶୁକ୍ରବାର ଘରେ ମାଂସ ଭାତ ଖାଇଥିଲେ। ସେମାନଙ୍କ ନିଜ ଭଉଣୀ-ଭାଇଙ୍କ ମଧ୍ୟରେ ବିବାଦ ଥିଲା। ସାନଭାଇ ରଣଜିତ୍ ତାଙ୍କୁ ଫୋନ୍‌ରେ ଗାଳି କରିଥିବା ଆମ ପାଖରେ ପ୍ରମାଣ ଅଛି । ସମୟ ଆସିଲେ ଆମେ ତାହା ଦେଖାଇବୁ। ତଦନ୍ତରେ ପୋଲିସକୁ ସହଯୋଗ କରିବୁ ବୋଲି ସରୋଜ କହିଛନ୍ତି।

# ଦାନରେ ମିଳେ ସ୍ୱର୍ଗୀୟ ଆନନ୍ଦ

**ଢେଙ୍କାନାଳ ଅଫିସ, ୩।୯**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର 'ଦାନ ଉତ୍ସବ' ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସୂଚନା ଆୟୁକ୍ତ ଜଗଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପ୍ରତି ମଣିଷ ଭିତରେ ଦାନ ପ୍ରବୃତ୍ତି ଲୁଚି ରହିଥାଏ। ଉପଯୁକ୍ତ ସମୟ ଓ ପରିବେଶ ପାଇଲେ ଏହାର ପରିପ୍ରକାଶ ହୋଇଥାଏ। ପରେ ଏହା ପରିବାର, ସମାଜ ଓ ରାଷ୍ଟ୍ରକୁ ପରିବ୍ୟାପ୍ତ ହୋଇଯାଏ। 'ଦାନ ଉତ୍ସବ'ରେ ଦାତାଙ୍କୁ ସ୍ୱର୍ଗୀୟ ଆନନ୍ଦ ମିଳେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କହିଲେ, 'ଦାନ ଉତ୍ସବ' କେଉଁ ଆବହମାନ କାଳରୁ ପ୍ରଚଳିତ। ଲୋକଙ୍କ ଧର୍ମୀୟ ଭାବନା ସହିତ ଏହାକୁ ବିଭିନ୍ନ ଉପାୟରେ ଯୋଡ଼ି ଦିଆଯାଇଛି। ଦାନ ଆତ୍ମସନ୍ତୋଷ ଦେଇଥାଏ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ 'ଓଡ଼ିଶା ଦାନ ଉତ୍ସବ' ସଂଯୋଜକ ବିପିନ ମହାନ୍ତି ଯୋଗଦେଇ କହିଲେ, ଦାନ ଉତ୍ସବ ଏକ ମହନୀୟ ସଂସ୍କୃତି। ଏହାଦ୍ୱାରା ବ୍ୟକ୍ତିର ସେବା, ସହନଶୀଳ ଆଦି ଗୁଣାବଳିର ପରିସ୍ଫୁଟନ ହୁଏ। ଢେଙ୍କାନାଳରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବାବେଳେ ଏହା ସମଗ୍ର ଓଡ଼ିଶା ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଜିଲା ସଂଯୋଜକ ତଥା ରୋଟାରିଆନ୍ ରାଜକିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଢେଙ୍କାନାଳର ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ, ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ, ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହାକୁ ସଫଳ କରିବାକୁ ସଂଯୋଜକ ରାଜକିଶୋର ବେହେରା ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।


ଦାନ ଉତ୍ସବର ପ୍ରସ୍ତୁତି ବୈଠକ।

# ଟାଟୁ ଦେଖି ଚିହ୍ନିଲେ ଭଉଣୀଭାଇ

**ଧାମନଗର, ୩।୯(ସ୍ୱ.ପ୍ର.)**



**୩୦ବର୍ଷ ପରେ ଗାଁକୁ ଫେରିଲେ ରଘୁ**

ମାତ୍ର ୧୪ ବର୍ଷ ବୟସରେ ଘରୁ ପଳାଇଥିଲେ। ଏପଟେ ପୁଅକୁ ଝୁରି ଝୁରି ମା' ଓ ପରେ ବାପା ମଧ୍ୟ ଆଖି ବୁଜିଲେ। ହେଲେ ଦୀର୍ଘ ୩୦ ବର୍ଷ ପରେ ଗତ ସୋମବାର ଗାଁକୁ ଫେରିଛନ୍ତି ଧାମନଗର ଏନ୍ଏସି ଅଧୀନ ଜୟନଗର ଗ୍ରାମର ସ୍ୱର୍ଗତ ବୁଲା ପ୍ରଧାନଙ୍କ ବଡ଼ମଝିଆ ପୁଅ ରଘୁ (୪୫)। ତାଙ୍କ ଦେଖି ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ରଘୁ କହନ୍ତି, ପାରିବାରିକ କଳହକୁ କେନ୍ଦ୍ର କରି ସେ ଘର ଛାଡ଼ିଥିଲେ। ପ୍ରଥମେ ଭଦ୍ରକ ଷ୍ଟେଶନରୁ ଟ୍ରେନ୍‌ରେ ଚଢ଼ି ମଧ୍ୟପ୍ରଦେଶରେ ଓହ୍ଲାଇଥିଲେ। ସେଠାକାର ଏକ ଦୋକାନରେ କାମ କରୁଥିବା ସମୟରେ ଜଣେ ଗାଡ଼ି ମାଲିକ ହେଲ୍‌ପର କାମ ଦେଇଥିଲେ। ପରେ ଗାଡ଼ି ଚଲାଇଲେ। ହେଲେ ପାରିଶ୍ରମିକ ମାଗିବାରୁ ମାଲିକ କାମରୁ ବାହାର କରି ଦେଇଥିଲେ। ପରେ ଜଣେ ଭକ୍ତ ତାଙ୍କୁ ଆଶ୍ରମରେ ରଖିଥିଲେ। ସେଠାରେ ୩ ବର୍ଷ ରହିବା ପରେ ଗାଁ କଥା ମନେ ପଡ଼ିବାରୁ ଆଶ୍ରମର ଅନ୍ତେବାସୀ ତାଙ୍କୁ କିଛି ଟଙ୍କା ଦେଇ ଭଦ୍ରକ ପଠାଇଥିଲେ। ତେବେ ଗାଁରେ ପହଞ୍ଚିବା ପରେ ପଡ଼ୋଶୀ ଲୋକଙ୍କୁ ଚିହ୍ନିପାରି ନ ଥିଲେ। ନିଜର ପରିଚୟ ଦେବା ସହ ଭଉଣୀ ଭାଇ ଓ ତାଙ୍କ ହାତରେ ଥିବା ଟାଟୁ ଦେଖି ପରସ୍ପରକୁ ଚିହ୍ନିଥିଲେ। ପରେ ଗାଁ ଲୋକେ ଓ ତାଙ୍କ ଭାଇମାନେ ଖୁସି ହୋଇ ତାଙ୍କୁ ଆଦରି ନେଇଥିଲେ। ତେବେ ଏହା ମଧ୍ୟରେ ଉଭୟ ମା' ବାପାଙ୍କ ଦେହାନ୍ତ ହୋଇଯାଇଥିବା ଜାଣିବା ପରେ ସେ ଦୁଃଖ ପ୍ରକାଶ କରିଛନ୍ତି।

# ପୌର, ବ୍ଲକ ପ୍ରଶାସନ ସ୍ଥାଣୁ ଅବସ୍ଥାରେ

**ଆଠମଲ୍ଲିକ ଭାଜପାର ଅଭିଯୋଗ**

**ଆଠମଲ୍ଲିକ, ୩।୯ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଓ ଆଠମଲ୍ଲିକ ଏନ୍ଏସି ଶାସକ ଦଳ ଦଖଲରେ ରହିଛି। ହେଲେ ମୁଖ୍ୟମନ୍ତ୍ରୀଙ୍କ ୫ମ ପାଳି ଶାସନରେ ଆଠମଲ୍ଲିକର ସେପରି କିଛି ଉନ୍ନତି ହୋଇପାରି ନାହିଁ। ବ୍ଲକ ଓ ପୌର ପ୍ରଶାସନ ଏ ନେଇ ସ୍ଥାଣୁ ପାଲଟିଥିବା ଆଠମଲ୍ଲିକ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି।

ଶନିବାର ନିର୍ବାଚନମଣ୍ଡଳୀସ୍ତରୀୟ ବିଭିନ୍ନ ଅସୁବିଧାକୁ ନେଇ ଟାଉନ ହଲରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଯୋଗ କରାଯାଇଥିଲା ଯେ, ବହୁ ଯୋଗ୍ୟ ହିତାଧିକାରୀ ଜଙ୍ଗଲ କିସମ ଜମିରେ ବାସ କରିଥିବାରୁ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନରେ ପାତର ଅନ୍ତର କରାଯାଉଛି। ସେହିପରି ଚଳିତ ବନ୍ୟାରେ ଚଣାଗୁଡ଼ି ଓ କଣ୍ଟିଆଣି ନାଳ ସେତୁ ଉପରେ ବନ୍ୟା ପାଣି ପ୍ରବାହିତ ହେବାରୁ ଦୀର୍ଘଦିନ ଧରି ପଇଁଚକୁଳ ଅଞ୍ଚଳର ୩ଟି ପଞ୍ଚାୟତବାସୀ ବିଚ୍ଛିନ୍ନ ହୋଇଯାଇଥିଲେ। ସେତୁର ଉଚ୍ଚତା ପୂର୍ବରୁ ବୃଦ୍ଧି କରାଯାଇଥିଲେ ବନ୍ୟା ସମୟରେ ଉକ୍ତ ୩ ପଞ୍ଚାୟତବାସୀ ଅସୁବିଧା ଭୋଗ କରି ନ ଥାନ୍ତେ। ସେହିପରି ଆଠମଲ୍ଲିକରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନିମନ୍ତେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରସ୍ତାବ ଦିଆଯାଇଛି। ଅକ୍ଟୋବର ମାସରେ ଏ ସଂକ୍ରାନ୍ତରେ ଭଲ ଖବର ଆସିବ ବୋଲି ଦଳର ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ତଥା ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ନଗର ସଭାପତି ଅବନୀ ପ୍ରଧାନ, ଯୁବନେତା ପିନା ପାଣିଗ୍ରାହୀ, ସୁଶାନ୍ତ ପ୍ରଧାନ, ସଂକୀର୍ତ୍ତନ ମେଣ୍ଟୁଳି ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

# ଖରସ୍ରୋତାରୁ ମିଳିଲା ବୃଦ୍ଧାଙ୍କ ମୃତଦେହ

**ବ୍ରାହ୍ମଣୀ ନଦୀରେ ଭାସିଯାଇଥିଲେ**

**କଳିଙ୍ଗନଗର,୩।୯ (ଡି.ଏନ.ଏ.)**

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଜୋକଡିଆ ବ୍ରିଜ ନିକଟ ଖରସ୍ରୋତା ନଦୀରୁ ଶନିବାର ସକାଳ ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ବୃଦ୍ଧାଙ୍କ ପରିବାର ଲୋକେ ଥାନାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବୃଦ୍ଧା ଜଣକ ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ସ୍ୱର୍ଗତ ମାଙ୍ଗୀ ମଲ୍ଲିକଙ୍କ ସ୍ତ୍ରୀ ବଲ୍ଲୀ ମଲ୍ଲିକ(୯୦) ବୋଲି ଜଣାପଡ଼ିଛି। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବଲ୍ଲୀ ଗତ ୩୧ ତାରିଖରେ ଘର ପାଖ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ସମୟରେ ଗୋଡ଼ ଖସିଯିବାରୁ ଭାସି ଯାଇଥିଲେ। ସେମାନେ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ସୂଚନା ପାଇପାରି ନ ଥିଲେ। ଏ ନେଇ ଯାଜପୁର ରୋଡ୍ ପୋଲିସ ନଂ.୩୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ତଦନ୍ତ ବେଳେ ହୋହଲ୍ଲା

**ତାଳଚେର ପୌର ବିବାଦ ପଦାରେ ପଡ଼ିବା ଘଟଣା**

**ଅନୁଗୋଳ ଅଫିସ, ୩।୯**


ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଭିଯୋଗର ତଦନ୍ତ କରୁଛନ୍ତି।

ଅନୁଗୋଳ ଜିଲା ତାଳଚେର ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସ ଠାରୁ ଦେଖାଦେଇଥିବା ବିବାଦର ତଦନ୍ତ ଆରମ୍ଭ ହୋଇଛି। ନିର୍ବାହୀ ଅଧିକାରୀ ରଶ୍ମିରେଖା ଅମାନ୍ତଙ୍କ ବିରୋଧରେ ନଗରପାଳ ପବିତ୍ର ଭୂତିଆଙ୍କ ସମେତ ବିଜେଡିର ୧୮ କାଉନସିଲର ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ କରାଯାଇଛି। ଶନିବାର ପୂର୍ବାହ୍ନରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା ତାଳଚେର ପୌର କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

ତେବେ ତଦନ୍ତ ବେଳେ ନଗରପାଳ ଓ ୧୮ ଜଣ କାଉନସିଲର ହୋ ହଲ୍ଲା କରିଥିଲେ। ଏହି ସମୟରେ ନିର୍ବାହୀ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ତୁ ତୁ ମେଁ ମେଁ ହୋଇଥିଲା। କିଛି ସମୟ ଧରି ଏଭଳି ଚାଲିବା ପରେ ଆଗାମୀ ଦିନରେ ନଗରପାଳ ଓ ୧୮ ଜଣ କାଉନସିଲର ଧାରଣାରେ ବସିବେ ବୋଲି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥାକାର୍ଯ୍ୟ ନିର୍ବାହୀ ଅଧିକାରୀ ବେହେରାଙ୍କୁ ଅବଗତ କରିଥିଲେ। ତାଳଚେର ନଗରପାଳ ପବିତ୍ର ଭୂତିଆଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ଏ ସମ୍ପର୍କରେ ତାଙ୍କ ମତାମତ ମିଳିପାରି ନାହିଁ। ତେବେ ନିର୍ବାହୀ ଅଧିକାରୀ ଅମାନ୍ତ କହିଛନ୍ତି, ତଦନ୍ତ ସମୟରେ ଯେଉଁ କାଗଜପତ୍ର ମଗାଯାଇଥିଲା ତାହା ପ୍ରଦାନ କରାଯାଇଛି। ଘଟଣାର ତଦନ୍ତ ଉପରିସ୍ଥ ଅଧିକାରୀ କରିଛନ୍ତି। ଏହାର ରିପୋର୍ଟ ସେ ଜିଲାପାଳଙ୍କୁ ପ୍ରଦାନ କରିବେ। ଏହାପରେ ଜିଲାପାଳ ଯେଉଁ ପଦକ୍ଷେପ ଗ୍ରହଣ କରିବେ ତାହା ଅମାନ୍ୟ କରାଯିବ ନାହିଁ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା କହିଛନ୍ତି, ଅଭିଯୋଗର ଯାଞ୍ଚ କରାଯାଇଛି। ଏହାର ରିପୋର୍ଟ ସୋମବାର ଜିଲାପାଳଙ୍କୁ ପ୍ରଦାନ କରାଯିବ।

# କବି ଗିରୀଶ ନନ୍ଦଙ୍କ ସ୍ମୃତିଚାରଣ



ସ୍ୱର୍ଗତ ଗିରୀଶ ଚନ୍ଦ୍ର ନନ୍ଦଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ଏବଂ ଅନ୍ୟମାନେ।

**କାମାକ୍ଷାନଗର, ୩।୯(ଡି.ଏନ୍.ଏ.)**

କାମାକ୍ଷାନଗର କଳ୍ପନା କ୍ଲବ ପରିସରରେ ଉପଖଣ୍ଡ ସାମ୍ବାଦିକ ସଂଘ ଏବଂ ସମାଜ ପାଠକ ବିଚାର ମଞ୍ଚର ମିଳିତ ଆନୁକୂଲ୍ୟରେ ଶାଳବଣର କବି ତଥା ସାମ୍ବାଦିକ ଗୌରବ ସ୍ୱର୍ଗତ ଗିରୀଶ ଚନ୍ଦ୍ର ନନ୍ଦଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶୁଭମୟ ନନ୍ଦଙ୍କ ଆବାହକତ୍ୱରେ ସଭାପତି ପ୍ରଫେସର ପ୍ରଫୁଲ୍ଲ କୁମାର ପାଣି ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ମେଜର ପ୍ରଭାତ ଦାଶ, ପଣ୍ଡିତ ନନ୍ଦ, ବାର୍ତ୍ତା ସମ୍ପାଦକ ଅଲେଖ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ବିଡିଓ ନିରଞ୍ଜନ ମିଶ୍ର, ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ଚିତ୍ରଶିଳ୍ପୀ ନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗିରୀଶଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଯୋଜକ ନିରଞ୍ଜନ ସାହୁ, ସଂଘ ଉପସଭାପତି ଚିତ୍ତରଞ୍ଜନ ଦ୍ୱିବେଦୀ, ମଧୁସୂଦନ ଷେଣ୍ଢ, ଅକ୍ଷୟ ନନ୍ଦ, ମଧୁସୂଦନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଇଣ୍ଡିଆନ ବ୍ୟାଙ୍କ Indian Bank ଇଲାହାବାଦ ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ପଟିଆ ଶାଖା**
ପ୍ଲଟ ନଂ. ୫୧୬, ମାଗ୍ନେଟିକ୍ ସ୍କୋୟାର,
ପୋ.:କିଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪

**ଡ଼ିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **ଇଣ୍ଡିଆନ ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ | ନୋଟିସ୍ ତାରିଖ/ ଏନ୍‌ପିଏ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍,** ପିତା: ରାମଚନ୍ଦ୍ର ସେନ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ଲିପିକା ଦାସ,** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍, **ଉଭୟଙ୍କ ଠିକଣା:** ସା-କାଞ୍ଚିଲୋ, ଥାନା/ ତହସିଲି: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୧୦୧। | ଟ.୩୧,୫୨,୯୦୫/- | ତା.୦୫.୦୮.୨୦୨୨ ସୁଦ୍ଧା ଟ.୩୫,୮୯,୩୪୧.୭୭ | ୦୬.୦୮.୨୦୨୨ / ୨୩.୧୨.୨୦୨୦ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୨୦/୭୪୬, ଖାତା ନଂ.୨୪୯/୨୪୦, ସବ୍ ପ୍ଲଟ ନଂ.୧୬, ମୌଜା: କାଞ୍ଚିଲୋ, ଥାନା: ବାଲିଅନ୍ତା, ଥାନା ନଂ.୨୦, ତହସିଲି/ ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୩୬ ଡିସିମିଲି (୧୬୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୮୨୧୮୦୪୧୧୬, ତାରିଖ: ୨୯.୧୨.୨୦୧୮, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସବ୍ ପ୍ଲଟ ନଂ.୧୨ ଏବଂ ୧୩, ପୂର୍ବ- ସବ୍ ପ୍ଲଟ ନଂ.୧୭, ପଶ୍ଚିମ- ସବ୍ ପ୍ଲଟ ନଂ.୧୫ । |
| **ଋଣଗ୍ରହୀତା: ଶ୍ରୀ ସତ୍ୟ ରଞ୍ଜନ ମହାନ୍ତି,** ପିତା: ଶ୍ରୀ ରବିନ୍ଦ୍ର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ନିଶାମଣୀ ମହାନ୍ତି,** ସ୍ୱା: ଶ୍ରୀ ରବିନ୍ଦ୍ର ମହାନ୍ତି, **ଜାମିନ୍‌ଦାର/ ବନ୍ଧକଦାତା: ଶ୍ରୀ ରବିନ୍ଦ୍ର ମହାନ୍ତି, ପିତା: ୱଗନ୍ଧର୍ବ ମହାନ୍ତି,** ସମସ୍ତଙ୍କ ଠିକଣା: ପ୍ଲଟ ନଂ.୩୫୭, ସମେଇଗାଡିଆ, ପୋ.: ରସୁଲଗଡ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୧୦୧୦। | ଟ.୧୭,୦୦,୦୦୦/- | ତା.୩୧.୦୭.୨୦୨୨ ସୁଦ୍ଧା ଟ.୭,୯୬,୯୪୮.୦୧ | ୦୮.୦୮.୨୦୨୨ / ୦୯.୦୭.୨୦୨୨ | **ଶ୍ରୀ ରବିନ୍ଦ୍ର ମହାନ୍ତି**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୮୮/୫୪୭୧/୮୬୦୫, ଖାତା ନଂ.୧୩୩୦/୩୦୨୨, ସବ୍ ପ୍ଲଟ ନଂ.୧୨, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.୩୮, ପାଣ୍ଡରା, ଥାନା: ମଞ୍ଚେଶ୍ୱର ନଂ.୨୮, ତହସିଲି/ ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୪୬ ଡିସିମିଲି (୪୩୫୬୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୨୪୦୪, ଏହାର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ନଂ.୧୧, ଦକ୍ଷିଣ- ଭେଣ୍ଡରଙ୍କ ଦ୍ୱାରା ଛଡାଯାଇଥିବା ୨୦ଫୁଟ ଚଉଡା ରାସ୍ତା, ପୂର୍ବ- ସବ୍ ପ୍ଲଟ ନଂ.୧୫, ପଶ୍ଚିମ- ଭେଣ୍ଡରଙ୍କ ଦ୍ୱାରା ଛଡାଯାଇଥିବା ୨୦ଫୁଟ ଚଉଡା ରାସ୍ତା। |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣମାନଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୩.୦୯.୨୦୨୨ | କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

## ସଂକ୍ଷେପରେ

### ବସ୍‌ରେ ଯାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଆଠମଲ୍ଲିକ, ୩।୯ (ଡି.ଏନ.ଏ.):** ଆଠମଲ୍ଲିକରୁ ଫୁଲବାଣୀ ଅଭିମୁଖେ ଯାଉଥିବା ଏକ ବେସରକାରୀ ବସ୍ (ନମ୍ବର ଓଆର୧୯-୫୪୪୮)ରେ ଶନିବାର ଜଣେ ଯାତ୍ରୀ ତଥା ବରିଷ୍ଠ ନାଗରିକ ପରମାନନ୍ଦ ପ୍ରଧାନ (୬୫)ଙ୍କୁ କର୍ମଚାରୀମାନେ ଦୁର୍ବ୍ୟବହାର କରିଛନ୍ତି। ଏପରି କି ଗୋଇଠା ମାରିବା ନେଇ ଆଠମଲ୍ଲିକ ଥାନାରେ ଅଭିଯୋଗ ହୋଇଛି। ପରମାନନ୍ଦଙ୍କ ପୁଅ ଦେଇଥିବା ଏତଲାରେ ଦର୍ଶାଇଛନ୍ତି, ବାପା ପରମାନନ୍ଦ ବସ୍‌ରେ ଯାଉଥିବା ବେଳେ କଣ୍ଡକ୍ଟର ଓ ହେଲପର ନିଶାସକ୍ତ ଅବସ୍ଥାରେ ଦୁର୍ବ୍ୟବହାର କରିବା ସହିତ ନିଜ ଗାଁ କୁନ୍ଦାନାଳି ନିକଟରେ ଓହ୍ଲାଇବା ସମୟରେ ଗୋଇଠା ମାରିଥିଲେ। ଫଳରେ ପ୍ରଧାନ ତଳେ ପଡିଯାଇ ଖଣ୍ଡିଆ ଖାବରା ହୋଇଯାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ଏ ସମ୍ପର୍କରେ ଆଇଆଇସି ନିରୋଦ କୁମାର ଦାସ କହିଛନ୍ତି, ବସ୍‌ରେ ବରିଷ୍ଠ ନାଗରିକ ପରମାନନ୍ଦ ପ୍ରଧାନଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଏତଲା ହୋଇଛି। ମାମଲା ରୁଜୁ ସହ ତଦନ୍ତ ଚାଲିଛି।

### ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

**ଛେଣ୍ଡିପଦା,୩।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଣଲୋଇ ଗ୍ରାମରେ ଜଣେ ଦୋକାନୀ ସଉଦା ନ ଦେବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ସହ ଦୋକାନ ଓ ଗାଡି ଆଦି ଭଙ୍ଗାରୁଜା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, କଣଲୋଇ ଗ୍ରାମରେ ଗତ ଶୁକ୍ରବାର ଗଣେଶ ପୂଜା ଭସାଣି ଚାଲିଥିଲା। ସକାଳେ କଣଲୋଇ ହରିଜନ ସାହିର କେତେଜଣ ଯୁବକ ସାହି ନିକଟରେ ଥିବା ଦୁଃଶାସନ ମାଝିଙ୍କ ଦୋକାନକୁ ସଉଦା କିଣିବାକୁ ଆସିଥିଲେ। ଦୋକାନୀ ସଉଦା ଦେବାକୁ ମନାକରିବାରୁ ଯୁବକମାନେ ବଚସା କରିଥିଲେ। ପରେ ଦୋକାନୀ ଓ ତାଙ୍କ ପୁଅକୁ ନିସ୍ତୁକ ମାଡମାରିବା ସହିତ ଏକ ମୋଟର ସାଇକେଲ ଭଙ୍ଗାରୁଜା କରିଥିଲେ। ଏ ନେଇ ଦୋକାନୀ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### ସରପଞ୍ଚ ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୩।୯(ଡି.ଏନ.ଏ):** କିଶୋରନଗର ବ୍ଲକ ଜାମୁନାଳୀ ସରପଞ୍ଚ ରୀତା ବେହେରା ଓ ତାଙ୍କ ସ୍ୱାମୀ କେଶବ ବେହେରାଙ୍କୁ ସେହି ଗ୍ରାମର ପ୍ରମୋଦ ସେଠୀ ଓ ତାଙ୍କ ସ୍ତ୍ରୀ ପିଙ୍କି ସେଠୀ ମାଡ଼ ମାରିଥିବା ସରପଞ୍ଚ ରୀତା ଶନିବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୩୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପିଙ୍କିଙ୍କୁ କେଶବ ବିନାକାରଣରେ ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ପ୍ରମୋଦ କେଶବଙ୍କୁ ପ୍ରଥମେ ମାଡ଼ ମାରିଥିଲେ। ପରେ ରୀତା ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ପ୍ରମୋଦ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଆଇନଶୃଙ୍ଖଳା ଦୃଷ୍ଟିରୁ ଅଛି ଆବଶ୍ୟକତା



- ବଇଣ୍ଡା ଫାଣ୍ଡିକୁ ମିଳୁ ଥାନା ମାନ୍ୟତା
- ୭ ବର୍ଷ ହେଲା ଅଞ୍ଚଳବାସୀ କରୁଛନ୍ତି ଦାବି
- ସରକାର ଗୁରୁତ୍ୱ ଦେଉ ନ ଥିବାରୁ ଅସନ୍ତୋଷ

**ବଇଣ୍ଡା, ୩।୯ (ଡି.ଏନ.ଏ.)**

ବଢୁଛି ଆପରାଧିକ କାର୍ଯ୍ୟକଳାପ। ଦେଶୀ ବିଦେଶୀ ମଦଠାରୁ ଆରମ୍ଭ କରି ଗଞ୍ଜେଇ, ବନ୍ଧୁକ, ମୂଲ୍ୟବାନ କାଠ ଆଦିର ହେଉଛି ଚୋରା ଚାଲାଣ। ଚୋରି, ଲୁଟ୍, ଡକାୟତି ନିତିଦିନିଆ ଘଟଣାରେ ପରିଣତ ହୋଇଛି। ନାରୀ ନିର୍ଯାତନା ଓ ଠକେଇ ସଂଖ୍ୟା କିଛି କମ୍ ନୁହେଁ। ରାଜପଥରେ ଦୈନିକ ଦୁର୍ଘଟଣା ଘଟୁଥିବା ବେଳେ ରେଳଷ୍ଟେଶନ ଥିବାରୁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ଗୁରୁତ୍ୱ ବେଶ୍ ଅଧିକ। ତେଣୁ ଆଇନଶୃଙ୍ଖଳା ଦୃଷ୍ଟିରୁ ଏଠାରେ ଥାନାର ଆବଶ୍ୟକତା ରହିଛି। ସେଥିପାଇଁ ବଇଣ୍ଡା ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ୭ ବର୍ଷ ହେଲା ଦାବି କରାଯାଉଛି। କିନ୍ତୁ ରାଜ୍ୟ ସରକାର ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଶନିବାର ବଇଣ୍ଡା ଗ୍ରାମବାସୀ ଏ ନେଇ ପୁଣି ରାଜ୍ୟ ସରକାରଙ୍କୁ ଦାବିପତ୍ର ପଠାଇଛନ୍ତି।

ବଇଣ୍ଡାବାସୀଙ୍କ କହିବା ଅନୁଯାୟୀ, ଆଠମଲ୍ଲିକ ଉପଖଣ୍ଡରେ ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳୀ ହେଉଛି ବଇଣ୍ଡା ବଜାର। କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ଛକ ପଡୁଥିବାବେଳେ ରେଳ ଷ୍ଟେଶନ ଥିବା ଯୋଗୁ ଏହି ଅଞ୍ଚଳରେ ଗହଳି ହେଉଛି। ଜନସଂଖ୍ୟାକୁ ଦେଖି ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୯୩ ମସିହାରେ ବଇଣ୍ଡାଠାରେ ଫାଣ୍ଡି ସ୍ଥାପନ କରାଯାଇଥିଲା। ଏହି ଫାଣ୍ଡି ଅଧୀନରେ ନୁନୁକାପଶି, ଗାଁବଇଣ୍ଡା, ଜାମୁନାଳି ପଞ୍ଚାୟତର ୧୭ ଗ୍ରାମର ୧୫ ହଜାର ଲୋକ ଆଇନଶୃଙ୍ଖଳା ପାଇଁ ନିର୍ଭର କରୁଛନ୍ତି। ବିଶେଷକରି ବଇଣ୍ଡା ବଜାର ସମ୍ପ୍ରସାରଣ ହେବା ସହ ଲୋକସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ଉକ୍ତ ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଦାବି ହେଇଆସୁଛି। ସେହିପରି ରାଜପଥରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବାବେଳେ ଆବଶ୍ୟକ ପୋଲିସ କର୍ମଚାରୀ ନ ଥିବା ଯୋଗୁ ସମସ୍ୟା ଦେଖାଦେଉଛି। ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଫାଣ୍ଡି ଗୃହର ଅଧା ଭଙ୍ଗାଯାଇଥିଲେ ମଧ୍ୟ ନୂତନ ଗୃହ ନିର୍ମାଣ ହୋଇନାହିଁ। ଆଠମଲ୍ଲିକ ବ୍ଲକର ପେଡିପଥର, ଛେଣ୍ଡିପଦା ବ୍ଲକର କତଡା, କିଶୋରନଗର ବ୍ଲକର କଣ୍ଟେଇକୋଳିଆ, ଲୁହାମୁଣ୍ଡା ପଞ୍ଚାୟତକୁ ମିଶାଇ ବଇଣ୍ଡା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଗତ ୧୨ ମେ ୨୦୧୫ ,୧ ଜାନୁୟାରୀ ୨୦୧୯, ୨୨ ଅଗଷ୍ଟ ୨୦୨୧ରେ ଜିଲା ଏସ୍‌ପିଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ରାଜ୍ୟ ଗୃହମନ୍ତ୍ରୀ, ଗୃହ ବିଭାଗ ସଚିବ, ସମ୍ବଲପୁର ଏମ୍‌ପି, ଆଠମଲ୍ଲିକ ବିଧାୟକଙ୍କୁ ଅବଗତ କରିଥିଲେ। ହେଲେ କୌଣସି ସୁଫଳ ମିଳିନାହିଁ। ନିକଟରେ ରାଜ୍ୟ ସରକାର ୩୬ଟି ନୂଆ ଥାନା ନିର୍ମାଣ ପାଇଁ ଘୋଷଣା କରିଛନ୍ତି। ଅନୁଗୋଳ ଜିଲାରେ ୨ଟି ସ୍ଥାନରେ ନୂତନ ଥାନା ପାଇଁ ନାମ ଘୋଷଣା ହୋଇଥିଲେ ମଧ ବଇଣ୍ଡା ଫାଣ୍ଡିକୁ ଥାନାର ମାନ୍ୟତା ଦିଆଯାଇ ନାହିଁ। ଫଳରେ ଆଖପାଖ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ବଇଣ୍ଡା ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ଭଗବାନ ଘିୱାଲା, ରମାକାନ୍ତ ବେହେରା, ଗିରିଶ ଚନ୍ଦ୍ର ବେହେରା, ପରିକ୍ଷିତ ସାହୁ, ଅରବିନ୍ଦ ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

#### ତୁରନ୍ତ ଦାବି ପୂରଣ କରାଯାଉ



ବଇଣ୍ଡା ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଥିବା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ବହୁବାର ସରକାରଙ୍କୁ ଅଭିଯୋଗ କରାଯାଇଛି। ହେଲେ ସରକାର ଏ ନେଇ ପଦକ୍ଷେପ ନେଉନାହାନ୍ତି। ତୁରନ୍ତ ଗ୍ରାମବାସୀଙ୍କ ଦାବି ପୂରଣ କରାଯାଉ।

-ଜଳଧର ସାହୁ, ଗ୍ରାମ ଉପ ସଭାପତି, ବଇଣ୍ଡା

#### ଥାନା ମାନ୍ୟତା ଜରୁରୀ



ବଇଣ୍ଡା ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ପାଇଁ ଥାନାର ଆବଶ୍ୟକତା ରହିଛି। ଅଧିକ କର୍ମଚାରୀ ସହ ଅଫିସର ରହିଲେ ଲୋକେ ଦ୍ରୁତ ସେବା ପାଇବେ। ପଞ୍ଚାୟତ ପକ୍ଷରୁ ବଇଣ୍ଡାକୁ ଥାନା ମାନ୍ୟତା ଦେବା ପାଇଁ ସରକାରଙ୍କୁ ଅନୁରୋଧ କରାଯିବ।

-ଦୀପ୍ତିମୟୀ ସାହୁ, ସରପଞ୍ଚ

#### ସରକାରଙ୍କୁ ପୁନର୍ବାର ଅବଗତ କରାଯିବ



ବଇଣ୍ଡା ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ତରଫରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଜିଲାରେ ୨ଟି ନୂତନ ଥାନା ପାଇଁ ସରକାର ଘୋଷଣା କରିଛନ୍ତି। ପରବର୍ତ୍ତୀ ସମୟରେ ବଇଣ୍ଡାକୁ କିଭଳି ଥାନା ଘୋଷଣା କରାଯିବ ସେ ନେଇ ସରକାରଙ୍କୁ ପୁନର୍ବାର ଅବଗତ କରାଯିବ।

-ଚିନ୍ତାମଣି ପ୍ରଧାନ, ଏସ୍‌ଡିପିଓ, ଆଠମଲ୍ଲିକ

# ଝୁମାଇବେ ଓଲିଉଡ୍‌ର ତାରକା କଣ୍ଠଶିଳ୍ପୀ

**ଅନୁଗୋଳ ଅଫିସ, ୩।୯**

## ଆଜି ଟାଉନ ହାଇସ୍କୁଲ ପଡ଼ିଆରେ ପ୍ରିନ୍ସ ଫେଷ୍ଟ

ଅନୁଗୋଳରେ ୪ ଦିନ ହେବ ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା ଚାଲିଛି। ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ସାଜସଜ୍ଜା ଦେଖିବାକୁ ଲୋକଙ୍କ ଗହଳି ଜମୁଛି। ଏଭଳି କି ଆଖି ଝଲସାଇ ଦେବା ଭଳି ଆଲୋକୀକରଣ ସାଙ୍ଗକୁ ବିଭିନ୍ନ ମେଢ଼ ଦେଖିବାକୁ ଦୂର ଦୂରାନ୍ତରୁ ଦର୍ଶକ ଆସୁଛନ୍ତି। ଲୋକଙ୍କ ଭିଡ଼କୁ ଦେଖି ବିଭିନ୍ନ ପୂଜାନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ପାଇଁ ମଧ୍ୟାହ୍ନ ଓ ସନ୍ଧ୍ୟାରେ ପ୍ରସାଦ ବ୍ୟବସ୍ଥା କରାଯାଇଥିବାବେଳେ ରବିବାର ସନ୍ଧ୍ୟାରେ କ୍ଲବ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ଅନୁଗୋଳ ଟାଉନ୍ ହାଇସ୍କୁଲ ପଡ଼ିଆରେ ପ୍ରିନ୍ସ ଫେଷ୍ଟ କାର୍ଯ୍ୟକ୍ରମ ରହିଛି। ଏଥିରେ ଓଲିଉଡ଼ର ତାରକା କଣ୍ଠଶିଳ୍ପୀମାନେ ଯୋଗଦେବାକୁ ଥିବାରୁ ସହରର ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏ ନେଇ ୧୫ ଦିନ ତଳୁ କଣ୍ଠଶିଳ୍ପୀମାନେ ସେମାନଙ୍କ ସୋସିଆଲ ମିଡିଆରେ ଅନୁଗୋଳ ଆସୁଥିବା ନେଇ ପ୍ରଶଂସକଙ୍କୁ ଅବଗତ କରିଛନ୍ତି। ଏଭଳି କି ଅନୁଗୋଳ ସହରରେ ହେଉଥିବା ଅଗ୍ରପୂଜ୍ୟଙ୍କ କାର୍ଯ୍ୟକ୍ରମରେ ଏହା ସବୁଠାରୁ ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ବୋଲି କୁହାଯାଉଛି। ଅନ୍ୟ କୌଣସି ସ୍ଥାନରେ ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉ ନ ଥିବାରୁ ଲୋକଙ୍କ ଅସମ୍ଭାଳ ଭିଡ଼ ହେବ ବୋଲି ଆକଳନ କରାଯାଉଛି। ଓଲିଉଡ଼ର କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀଙ୍କ ସହିତ ଶଶାଙ୍କ ଶେଖରଙ୍କ ସ୍ଲୋ ଓ ରୋମାଣ୍ଟିକ ହିଟ୍ ଗୀତ ଦର୍ଶକଙ୍କୁ ଝୁମାଇ ଦେବ ବୋଲି ଚର୍ଚ୍ଚା ହେଉଛି। ସେହିପରି ମ୍ୟୁଜିକ୍ ବ୍ୟାଣ୍ଡ ଯୁବପିଢ଼ିଙ୍କୁ ମତୁଆଲା କରିବ ବୋଲି କୁହାଯାଇଛି। ଏକା ସାଙ୍ଗରେ ଅନୁଗୋଳ ସହରରେ ଏତେ ସଂଖ୍ୟାରେ କଣ୍ଠଶିଳ୍ପୀ ଯୋଗଦେବା ପ୍ରଥମ ବୋଲି କୁହାଯାଉଛି। ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ସଦସ୍ୟ ଶାନ୍ତନୁ ସ୍ୱାଇଁ କହିଛନ୍ତି, କ୍ଲବ ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି। ଦର୍ଶକମାନେ କିଭଳି ଭଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବେ ସେ ନେଇ ବ୍ୟବସ୍ଥା କରାଯାଇଛି।




# ଶିକ୍ଷାଦାନ, ପରିଚାଳନା ନେଇ ଆଲୋଚନା

**ଛେଣ୍ଡିପଦା,୩।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟ ଠାରେ ନବ ଗଠିତ ଗଭର୍ଣ୍ଣିଂ ବଡିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ପରିଚାଳନା ପରିଷଦ ସମ୍ପାଦକ ଶରତ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ନୂତନ ଭାବେ ମନୋନୀତ ସଭାପତି, ସଦସ୍ୟା ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ବାଳକୃଷ୍ଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବୈଠକରେ ପରିଚାଳନା ଏବଂ ଶିକ୍ଷାଦାନ ବ୍ୟବସ୍ଥା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷା ବିଭାଗର ନିୟମାନୁଯାୟୀ ଆଗାମୀ ଦିନରେ ମହାବିଦ୍ୟାଳୟକୁ ସୁପରିଚାଳନା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପରିଚାଳନା ପରିଷଦ ସଭାପତି ଶରତ କୁମାର ଗଡ଼ନାୟକ, ଭୋଲେଶ୍ୱର ଗୋଚ୍ଛାୟତ, ସାମୁଏଲ ପ୍ରଧାନ, ସଭ୍ୟା ଅନୀତା ପ୍ରଧାନ, ଜ୍ୟୋତ୍ସ୍ନା ସାହୁ, ଅଧାପକ ଜଗବନ୍ଧୁ ସାହୁ, ଅଧାପକ ପ୍ରଦୀପ କୁମାର ବେହେରା, କ୍ରୀଡା ଅଧାପକ ଶରତ କୁମାର ସାହୁ, ସଭ୍ୟ ଭଜମନ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ଶେଷରେ ପ୍ରାଧାପକ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଯୋଗଦେଇଥିବା କଲେଜ ଅଧକ୍ଷ ଓ ଅନ୍ୟମାନେ।

# ଗଣ୍ଡଗୋଳ ଘଟଣାରେ ୩ ଗିରଫ

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ସଦର ଥାନା କଙ୍କିନାଳୀ ଠାରେ ଗାଁ ଠାକୁରାଣୀ ଯାତ୍ରା ଚାଲିଥିବା ସମୟରେ ଅଭାବନୀୟ ପରିସ୍ଥିତି ଉପୁଜୁଛି। ଏ ନେଇ ସଦର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କଙ୍କିନାଳୀର ଚିତ୍ତରଞ୍ଜନ ସାମଲ(୨୨), ବିଶ୍ୱଜିତ୍ ସାମଲ(୨୬) ଓ ପ୍ରମୋଦ ସାମଲ(୬୨)। ପୋଲିସ କହିଛି, ଗାଁ ଯାତ୍ରା ଚାଲିଥିବା ସମୟରେ ଚିତ୍ତରଞ୍ଜନ ମଦ୍ୟପାନ କରି ବିଶ୍ୱଜିତଙ୍କୁ ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଉଗ୍ର ରୂପ ନେଇଥିଲା। ଚିତ୍ତରଞ୍ଜନ ଉତ୍କ୍ଷିପ୍ତ ହୋଇ ବିଶ୍ୱଜିତଙ୍କ ମୁଣ୍ଡ ଫଟାଇଦେଇଥିଲେ। ପୁଅର ଏଭଳି ଅବସ୍ଥା ଦେଖି ବିଶ୍ୱଜିତ୍‌ଙ୍କ ବାପା ମଧ ଚିତ୍ତରଞ୍ଜନଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟିଯାଇଛି। ଯାତ୍ରାରେ ଥିବା ଅନୁସୂଚିତ ଜାତିର ଲୋକଙ୍କ ଜାତିକୁ ଆକ୍ଷେପ କରି ଚିତ୍ତରଞ୍ଜନ ଗାଳିଗୁଲଜ କରିଥିଲେ। ଏ ନେଇ ଥାନାରେ ଆଉ ଏକ ମାମଲା ହୋଇଥିବା ଥାନା ଅଧିକାରୀ ରାଉତ ସୂଚନା ଦେଇଛନ୍ତି।

# ଜନସାଧାରଣଙ୍କ ସମସ୍ୟା ବୁଝିଲେ ବିଧାୟକ



ଝୁଲାଖୁଣ୍ଟିଆ ଗ୍ରାମବାସୀଙ୍କ ସହିତ ପାଲଲହଡ଼ା ବିଧାୟକ ଆଲୋଚନା କରୁଛନ୍ତି।

**କଣିହାଁ,୩।୯(ଡି.ଏନ.ଏ)**

ପାଲଲହଡ଼ା ବିଧାୟକ ମୁକେଶ ପାଲ ଶନିବାର କଣିହାଁ ବ୍ଲକ ଅଞ୍ଚଳ ଗସ୍ତରେ ଯାଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିରୁ ଓ ବୁରୁକୁନା ପଞ୍ଚାୟତର ସମସ୍ୟା ବୁଝିଛନ୍ତି। ଜନସାଧାରଣଙ୍କ ସହ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବିଧାୟକ ପବିତ୍ରନଗର ଅଞ୍ଚଳର ବିଭିନ୍ନ ଗ୍ରାମରେ ପାଳିତ ହେଉଥିବା ଗଣେଶ ପୂଜା ମଣ୍ଡପ ବୁଲି ଦେଖିଥିଲେ। ବିଭିନ୍ନ ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କୁ ଭେଟି ଆଲୋଚନା କରିଥିଲେ। ବ୍ଲକ ବିଜେଡି ସଭାପତି କୈଳାସ ସାହୁ, ଯୁବନେତା ସୁବାସ ମହାନ୍ତି, ଗଗନ ରାଉତ, ଯୁଗଳ ସାହୁ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ସେହିପରି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୮ ପଞ୍ଚାୟତ ବିଭିନ୍ନ ପୂଜା ମଣ୍ଡପ ବୁଲିବା ସହିତ ଲୋଧାବନ୍ଧ ଗ୍ରାମ ତାରିଣୀ ପୀଠରେ ବାର୍ଷିକ ଉତ୍ସବରେ ଯୋଗଦାନ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଯୁବନେତା ସୁନୀଲ ପ୍ରଧାନ, ଈଶ୍ୱର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମହିଳା ମଞ୍ଚ ଘରେ ପଶୁଛି ପାଣି

**ବଇଣ୍ଡା,୩।୯(ଡି.ଏନ.ଏ)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବଇଣ୍ଡା ଛକଠାରେ ଥିବା ମହିଳା ମଞ୍ଚ ଘରେ ସାମାନ୍ୟ ବର୍ଷା ହେଲେ ବର୍ଷା ଜଳ ପଶିଯାଉଛି। ଫଳରେ ମହିଳା ସଂଘ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପାଣି ଜମି ରହୁଥିବା ଯୋଗୁ ଉକ୍ତ ଗୃହ କାର୍ଯ୍ୟରେ ଲାଗୁ ନ ଥିବାବେଳେ କୌଣସି ବୈଠକ ହୋଇପାରୁନାହିଁ। ଏ ନେଇ ମହିଳା ସଂଘ ପକ୍ଷରୁ ବହୁବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିପାରୁନାହିଁ। ଘଟଣାରୁ ଜଣାପଡିଛି, ମହିଳା ସଂଘର ବିଭିନ୍ନ ବୈଠକ, ସଭାସମିତି ପାଇଁ ବଇଣ୍ଡା ଛକଠାରେ ସରକାରଙ୍କ ପକ୍ଷରୁ ଏକ ମହିଳା ମଞ୍ଚ ଗୃହ ନିର୍ମାଣ ହୋଇଛି। ହେଲେ ସରକାରୀ ଜମିରେ ଏହା ହୋଇଥିବାବେଳେ ଚାରି ପଟରେ ଥିବା ସମସ୍ତ ସରକାରୀ ଜମି ଗୁଡିକ ଜବରଦଖଲ କରାଯାଇଥିବା ଯୋଗୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ଘର ଭିତରେ ପାଣି ପଶିଯାଉଛି। ଫଳରେ ମହିଳା ସଂଘର କୌଣସି ବୈଠକ, ସଭାସମିତି ହୋଇପାରୁନାହିଁ। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ମହିଳା ମଞ୍ଚ ଘର ଚାରିପଟେ ଜମିଥିବା ପାଣି।

# ବାଦ୍ ପଡ଼ିଲାନି ବିଚାରପତିଙ୍କ ଘର

- ତାଳଚେରରେ ବଢୁଛି ଚୋରି
- ପୋଲିସକୁ ଖୋଲା ଚ୍ୟାଲେଞ୍ଜ
- ସାଧାରଣରେ ତୀବ୍ର ଅସନ୍ତୋଷ

**ତାଳଚେର, ୩।୯(ନି.ପ୍ର.)**

ତାଳଚେର ଅଞ୍ଚଳରେ ଚୋରି, ଲୁଟ୍ ଘଟଣା ବୃଦ୍ଧିପାଉଛି। ଦୁର୍ବୃତ୍ତମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧ ଘଟାଇ ଚାଲିଛନ୍ତି। ଏପରି କି ବିଚାରପତିଙ୍କ ଘର ମଧ ବାଦ୍ ପଡୁ ନ ଥିବା ଦେଖାଯାଉଛି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

ସୂଚନା ଅନୁଯାୟୀ, ଦେଉଳବେଡାସ୍ଥିତ ତାଳଚେର କୋର୍ଟର ଜେଏମ୍‌ଏଫ୍‌ସି ଆଶିଷ ସାହୁଙ୍କ ଘରୁ ଶୁକ୍ରବାର ଦିନ ଦ୍ୱିପ୍ରହରରେ ଚୋରି ହୋଇଛି। ଜେଏମ୍‌ଏଫ୍‌ସି ଘରେ ନ ଥିବା ବେଳେ ଗ୍ରିଲ ଭଙ୍ଗାଯାଇ ଲାପଟପ, ୨ଟି ଦାମୀ ଘଣ୍ଟା, ଟିଭି ଚୋରି କରାଯାଇଛି। ୧ ମାସ ତଳେ ହାଟତୋଟାସ୍ଥିତ ଏସ୍‌ଡିଜେଏମ୍‌ଙ୍କ କ୍ୱାର୍ଟର୍ସରୁ ଚୋରି ହୋଇଥିଲା। ସେହିପରି ଆଇଟିଆଇ ରୋଡ୍‌ରେ ରହୁଥିବା ଆଇନଜୀବୀ ବବିତା ଦାସଙ୍କ ଘରୁ ୮ ଭରି ସୁନା ଅଳଙ୍କାର ଓ ନଗଦ ୪୦ ହଜାର ଟଙ୍କା ଚୋରି ହୋଇଥିଲା। ଜୁନ ୨୭ରେ ବନ୍ତୋଲ ଗ୍ରାମ ସ୍କୁଲ ସାହିର ସୁନୀଲ ରଥଙ୍କ ଘରୁ ୮୦ ଗ୍ରାମର ସୁନା, ୬୦ ହଜାର ଟଙ୍କାର ରୁପା ଅଳଙ୍କାର ଓ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଗତ ଶୁକ୍ରବାର ବାଘୁଆବୋଲ ଅଞ୍ଚଳର ନିଗମାନନ୍ଦ ଭୋଇଙ୍କ ଘରୁ ଏସି ଚୋରି ଉଦ୍ୟମ ବେଳେ ପଡୋଶୀ ପାଟି କରିବାରୁ ଦୁର୍ବୃତ୍ତମାନେ ପଳାଇ ଯାଇଥିଲେ। ହାଟତୋଟା ଏସ୍‌ଏସ୍ ମାର୍ଟ ନିକଟରୁ ମୋବାଇଲ ଚୋରି ବେଳେ ଜଣେ ଯୁବକଙ୍କୁ ଲୋକେ ମାଡ ମାରି ପୋଲିସ ଜିମା ଦେଇଛନ୍ତି। ଶନିବାର ହାଟତୋଟା ପେଟ୍ରୋଲ ପମ୍ପ ନିକଟରେ ଦୋକାନରୁ ଚୋରି ବେଳେ ଜଣେ ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ ଧରିଥିଲେ। ତାଳଚେର ଅଞ୍ଚଳରେ ଚୋରି ବୃଥିଲେ ବି ପୋଲିସ ଦୁର୍ବୃତ୍ତଙ୍କୁ ଗିରଫ କି ଚୋରି ସାମଗ୍ରୀ ଉଦ୍ଧାର କରିପାରୁ ନ ଥିବାରୁ ଅନେକ ଲୋକ ପୋଲିସ ଉପରୁ ଆସ୍ଥା ତୁଟାଇ ଦେଲେଣି। ସେଥିପାଇଁ ଚୋରିର ଶିକାର ହୋଇଥିବା କେତେଜଣ ଥାନାକୁ ଅଭିଯୋଗ କରିବାକୁ ମଧ ଯାଉନାହାନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ପୋଲିସର ନିଷ୍କ୍ରିୟତାକୁ ଦାୟୀ କଲା ଓକିଲ ସଂଘ



ବୈଠକରେ ଉପସ୍ଥିତ ଓକିଲ ସଂଘ କର୍ମକର୍ତ୍ତାମାନେ।

**ତାଳଚେର, ୩।୯(ନି.ପ୍ର.)**

ତାଳଚେରରେ ଚୋରି ଘଟଣା ବଢୁଥିବା ବେଳେ ଏ ନେଇ ଚିନ୍ତା ବ୍ୟକ୍ତ କରିଛି ଓକିଲ ସଂଘ। ଶନିବାର ସଂଘ ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ସଭା ମଧୁବାବୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଓକିଲ ବବିତା ଦାସ, ଏସ୍‌ଡିଜେଏମ୍ ଓ ଜେଏମ୍‌ଏଫ୍‌ସିଙ୍କ ଘରୁ ଚୋରି ଘଟଣା ପାଇଁ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରାଯାଇଥିଲା। ଏହାର ପ୍ରତିବାଦରେ ଦିନକ ପାଇଁ କୋର୍ଟ କାର୍ଯ୍ୟ ବନ୍ଦ କରାଯାଇଥିଲା । ଜିଲା ଏସ୍‌ପିଙ୍କ ସହ ପୋଲିସର ନିଷ୍କ୍ରିୟତା ସମ୍ପର୍କରେ ଆଲୋଚନା କରିବା, ଆଗାମୀ ଦିନରେ ଡିଜି ପୋଲିସ ଏବଂ ଗୃହ ବିଭାଗକୁ ଜଣାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ଥାନା ଅଧିକାରୀ କୋର୍ଟ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ ମୁଦାଲାଙ୍କୁ ଫରୱାର୍ଡ କରନ୍ତୁ ବୋଲି ବୈଠକରେ ସଂଘ ସଦସ୍ୟମାନେ ଦାବି ଉପସ୍ଥାପନ କରିଥିଲେ। ଓକିଲ ଅନୁପ କୁମାର ସେନଗୁପ୍ତା, ହରେକୃଷ୍ଣ ପାତ୍ର, ଜ୍ଞାନରଞ୍ଜନ ପାଣି, ଅକ୍ଷୟ ପାଣି, ଛବି କୁମାର ସାହୁ, ରଞ୍ଜିତ ଘୋଷ, ଦୟାସାଗର ମିଶ୍ର, ଚିତ୍ତରଞ୍ଜନ ରାଉତ, ଅଖିଳ ସାମଲ, ନରେଶ ନାଏକ, ଯଶୋବନ୍ତ ବଳବନ୍ତ ନନ୍ଦ, ଅର୍ଜ୍ଜୁନ ଭୂତିଆ, ପ୍ରଭାତିନି ଆଚାର୍ଯ୍ୟ, ସାଧିଆ ବେହେରା, ପ୍ରଫୁଲ୍ଲ ନାଏକ, ବାଉରୀବନ୍ଧୁ ବେଜ, ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ, ସହସମ୍ପାଦକ ଚିନ୍ମୟ ରାଏ, ଅଡିଟର ବବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ମାନସ ରଞ୍ଜନ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

